**ପୋଲିସ, ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚାଷ ନଷ୍ଟ**

ମାଲକାନଗିରି,(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ରାମପୁର ଓ ହରିପୁର ଗ୍ରାମର ଆଖପାଖ ଅଞ୍ଚଳରେ ବେଆଇନ ଭାବେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ ରବିବାର ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ନଷ୍ଟ କରିଛନ୍ତି। ଏହି ଦୁଇ ଗ୍ରାମରେ ବିପୁଳ ପରିମାଣର ଗଞ୍ଜେଇ ଚାଷ କରାଯାଇଥିବା ଜଣାପଡ଼ିବା ପରେ ଏସଡିପିଓ ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀମାନେ ୪୫ ଏକରରେ ହୋଇଥିବା ଗଞ୍ଜେଇ ଗଛକୁ ନଷ୍ଟ କରିଥିଲେ। ମାଲକାନଗିରି ପୋଲିସ ଓ ଅବକାରୀ ବିଭାଗ ଗତ କିଛି ଦିନ ହେଲା ବେଆଇନ ଗଞ୍ଜେଇ ଗଛକୁ ନଷ୍ଟ କରିବା ପାଇଁ ଅଭିଯାନ ଆରମ୍ଭ କରିଛି। ପ୍ରତିଦିନ ଉଭୟ ବିଭାଗର ମିଳିତ ଉଦ୍ୟମରେ ଶହ ଶହ ଏକରରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ ନଷ୍ଟ କରାଯାଉଛି।

# ନବରଙ୍ଗପୁର ଜିଲାରେ ଗ୍ଲାଡିଓଲ୍‌ସ ଚାଷ ଆରମ୍ଭ

ନବରଙ୍ଗପୁର,୨୮।୧୧(ବି.ପ୍ର.)

ନବରଙ୍ଗପୁର ଜିଲାର ଚାଷୀଙ୍କ ଆର୍ଥିକ ବିକାଶ ନିମନ୍ତେ ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ(ଏନ୍‌ବିଆର୍‌ଆଇ) ଲକ୍ଷ୍ନୌ ପକ୍ଷରୁ ଜିଲାର ନନ୍ଦାହାଣ୍ଡି ବ୍ଲକର ଜେଟୁଗୁଡ଼ାଠାରେ ବ୍ୟବସାୟିକ ଭିତ୍ତିରେ ଗ୍ଲାଡିଓଲ୍‌ସ ଫୁଲ ଚାଷ ଆରମ୍ଭ ହୋଇଛି। ସିଏସ୍‌ଆଇଆର୍ ପୁଷ୍ପ କୃଷି ମିଶନ ମାଧ୍ୟମରେ ଏହା ଆରମ୍ଭ ହୋଇଛି। ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପ୍ରଦୋଷ କୁମାର ପଣ୍ଡା, ମୁଖ୍ୟ କୃଷି ଜିଲା ଅଧିକାରୀ ଟଙ୍କଧର ସାହୁ, ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପର କ୍ରିୟାନ୍ୱୟନ କମିଟି ସଦସ୍ୟ ଲକ୍ଷ୍ମୀ ନାରାୟଣ ବକ୍ସିଙ୍କ ଉପସ୍ଥିତିରେ ଗ୍ଲାଡିଓଲସ୍ କନ୍ଦା ରୋପଣ କରାଯାଇଛି। ପରୀକ୍ଷାମୂଳକ ଭାବେ ଚାଷୀ ଜେ. ରାମ ରାଜୁଙ୍କ ଜମିରେ ୫୦ ଡିସିମିଲି ଜାଗାରେ ଏହି ଚାଷ ଆରମ୍ଭ କରାଯାଇଛି। ପ୍ରାୟ ୨ମାସରେ ଏହି ଫୁଲ ଅମଳ ହେଉଥିବାବେଳେ ପୁଷ୍ପଗୁଚ୍ଛ ପିଛା ୫ରୁ ୭ ଟଙ୍କାରେ ବିକ୍ରି ହୋଇଥାଏ। ଗୋଟିଏ ଗଛରୁ ୨ ରୁ ୩ ଟି ପୁଷ୍ପଗୁଚ୍ଛ ବାହାରି ଥାଏ ବୋଲି ଏନ୍‌ବିଆର୍‌ଆଇର ପ୍ରଧାନ ବୈଜ୍ଞାନିକ ଚନ୍ଦ୍ରଶେଖର ମହାନ୍ତି ପ୍ରକାଶ କରିଛନ୍ତି। ଆସନ୍ତା ବର୍ଷ ଏହି ଫୁଲ ଚାଷ ପାଇଁ ଜିଲାରେ ଅଧିକ ଚାଷୀଙ୍କୁ ସାମିଲ କରାଯିବ ବୋଲି ସେ କହିଛନ୍ତି।


ଜେଟୁଗୁଡ଼ାଠାରେ ଆରମ୍ଭ ହୋଇଥିବା ଗ୍ଲାଡିଓଲ୍‌ସ ଫୁଲ ଚାଷ ।

## ସଂକ୍ଷେପରେ

### ମକା ବୋଝେଇ ଟ୍ରକ୍ ଧକ୍କାରେ ନାବାଳକ ମୃତ

ଡାବୁଗାଁ,୨୮।୧୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସିନ୍ଧିକାଗୁଡ଼ା ଗ୍ରାମ ନିକଟରେ ରବିବାର ଅପରାହ୍ନରେ ଏକ ମକା ବୋଝେଇ ମିନି ଟ୍ରକ୍ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ଅନ୍ତର୍ଗତ ସିନ୍ଧିକାଗୁଡ଼ା ଗ୍ରାମର ପ୍ରକାଶ ଗୌଡ଼(୧୭)। ଘଟଣା ଅନୁଯାୟୀ, ପ୍ରକାଶ କୌଣସି କାମରେ ବଡନି ଗ୍ରାମକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪ଟାବେଳେ ନିଜ ଗାଁକୁ ସାଇକେଲରେ ଫେରିବା ସମୟରେ ଗାଁ ନିକଟରେ ଟ୍ରକ୍(ଓଡି ୨୪ ସି ୫୦୧୧) ଧକ୍କା ଦେଇଥିଲା। ଏଥିରେ ତାଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ଡାବୁଗାଁ ଥାନା ଏଏସ୍‌ଆଇ ଶିଶିରକାନ୍ତି ଘୋଷ ଓ ବିଜୟ କୁମାର ସାହୁ ପହଞ୍ଚି ମିନି ଟ୍ରକ୍‌କୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଟ୍ରକ୍ ଚାଳକ ଫେରାର ଥିବା ଜଣାପଡ଼ିଛି।

### ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା



ନବରଙ୍ଗପୁର,୨୮।୧୧(ବି.ପ୍ର.)- ନବରଙ୍ଗପୁର ଅତିରିକ୍ତ ଜିଲା ଜଜ୍ ପ୍ରଣୟ କୁମାର ଦାସଙ୍କ ଭୁବନେଶ୍ୱରକୁ ବଦଳି ହୋଇଥିବାବେଳେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଦାସ ଅତିରିକ୍ତ ଜିଲା ଜଜ୍ ଓ ପରବର୍ତ୍ତୀ ସମୟରେ ଶିଶୁ ଯୌନ ଅପରାଧ ସୁରକ୍ଷା ଅଦାଲତର ବିଚାରପତିଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନବରଙ୍ଗପୁର ଜିଲାର ସମସ୍ତ ଆଇନଜୀବୀ ସବୁବେଳେ ମୋ ମନରେ ରହିବେ ବୋଲି ବିଦାୟୀ ଅତିରିକ୍ତ ଜିଲା ଜଜ୍ କହିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଇନଜୀବୀ ସଂଘର ସଭାପତି ଆଶିଷ ରଞ୍ଜନ ପଟ୍ଟନାୟକ, ସମ୍ପାଦକ ରାମ ପ୍ରସାଦ ପାତ୍ର, ଉପ ସଭାପତି ପ୍ରତାପ ପଣ୍ଡା, କୋଷାଧ୍ୟକ୍ଷ ବିଧୁ ଶେଖର ତ୍ରିପାଠୀ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ସାହୁ, ଗୋପାଳ ଶତପଥୀ, ଏ. ସତୀଶ, ସରକାରୀ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଇନଜୀବୀ କିଶୋର ପଟ୍ଟନାୟକ, ସୁରଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଆୟ୍ୟାପ୍ପା ଶ୍ରଦ୍ଧାଳୁଙ୍କ ଆମଲାମ ପୂଜା



ପାପଡ଼ାହାଣ୍ଡି,୨୮।୧୧,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲାର ପାପଡ଼ାହାଣ୍ଡିଠାରେ ଆୟ୍ୟାପ୍ପା ଶ୍ରଦ୍ଧାଳୁମାନଙ୍କ ଆମଲାମ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଦଳୀ ପଟରେ ଅଠର ପାହାଚ ମେଢ଼ କରାଯାଇ ଦୀପ ପ୍ରଜ୍ୱଳନ କରାଯାଇଥିଲା। କୋରାପୁଟର ଆପଲ ଗୁରୁସ୍ୱାମୀ ଆସି ପୂଜାର୍ଚ୍ଚନା କରିଥିଲେ। ପାପଡ଼ାହାଣ୍ଡିର କୋଣ୍ଡା ସ୍ୱାମୀ ଓ ଅଶୋକ ସ୍ୱାମୀ ପୂଜା ପରିଚାଳନା କରିଥିଲେ। ଗ୍ରାମର ଅନେକ ଲୋକ ଏହି ପୂଜାରେ ସାମିଲ ହୋଇଥିଲେ। ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

### ଗାଡ଼ି ଚାଳକଙ୍କ ସମସ୍ୟା ନେଇ ଆଲୋଚନା କାଶୀପୁର ଡ୍ରାଇଭର ମହାସଂଘ ବୈଠକ

ଟିକିରି,୨୮।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ପଞ୍ଚାୟତର ସର୍ଗିଗୁଡ଼ା ଗ୍ରାମ ନିକଟ ଆମ୍ବ ତୋଟାରେ ରବିବାର କାଶିପୁର ଡ୍ରାଇଭର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡୁଡୁକାବାହାଲ ପଞ୍ଚାୟତର ସମସ୍ତ ଡ୍ରାଇଭର ଯୋଗ ଦେଇଥିଲେ। ବୈଠକରେ ୫ ଜଣିଆ ଟିମ୍ ଚୟନ କରାଯାଇଛି। କୁମ୍ଭେଶର ମାଝି, ନିରଞ୍ଜନ ସାହୁ, ରମେଶ ମାଝି, ସଞ୍ଜୟ ମାଝି, ଲାଲିପ ନାୟକଙ୍କୁ ଏଥିରେ ଚୟନ କରାଯାଇଛି। ବୈଠକରେ ଗାଡ଼ି ଚାଳକମାନଙ୍କ ବିଭିନ୍ନ ସମସା ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ଦୁର୍ଘଟଣା କିମ୍ବା ଅନ୍ୟ ସମସ୍ୟା ହେଲେ କାଶିପୁର ବ୍ଲକ ସଭାପତିଙ୍କୁ ଜଣାଇବା ପରେ ତାହାର ସମାଧାନ କରାଯିବ ବୋଲି କୁହାଯାଇଥିଲା। ସେହିପରି ଚାଳକମାନେ ପାଖରେ ସମସ୍ତ ଜରୁରୀ କାଗଜପତ୍ର ରଖି ଗାଡ଼ି ଚଳାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ବୈଠକରେ ସଂଘର ଜଗନ୍ନାଥ ଡୁରୁକ, କିଶୋର କୁମାର ଭୂୟାଁ, ଆକାଶ କୁମାର ନାୟକ, ହୃଷିକେଶ ସାହୁଙ୍କ ସମେତ ଡୁଡୁକାବାହାଲ ପଞ୍ଚାୟତର ୧୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ଯୋଗ ଦେଇଥିଲେ।

# ଜିଲାରେ ହେବ ୧୫ ଲକ୍ଷ କାଜୁ ଚାରାରୋପଣ

କୋରାପୁଟ ,୨୮।୧୧ (ସ୍ୱ.ପ୍ର.)

ଅବିଭକ୍ତ କୋରାପୁଟ ଜିଲାରେ କାଜୁ ଚାଷ ପାଇଁ ଉତ୍କୃଷ୍ଟ ଜଳବାୟୁ ରହିଛି। ଏହି ଅଞ୍ଚଳରେ ଅଗ୍ରାଧିକାର ଭିତ୍ତିରେ କାଜୁଚାଷ କରାଯିବାକୁ ସମସ୍ତ ସହାୟତା ଓଡ଼ିଶା କାଜୁ ଉନ୍ନୟନ ନିଗମ ପକ୍ଷରୁ ପ୍ରଦାନ କରାଯିବ ବୋଲି ସ୍ଥାନୀୟ କାଜୁ ଉନ୍ନୟନ ନିଗମ ଡିଭିଜନଠାରେ ନିକଟରେ ଆୟୋଜିତ କୃଷକ ମେଳାରେ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ରୂପେ ମେଳାକୁ ଉଦ୍‌ଘାଟନ କରି ସେ ଏହି ସୂଚନା ଦେଇଥିଲେ। ରାଜ୍ୟରେ କାଜୁ ଉତ୍ପାଦନ ବୃଦ୍ଧି ନେଇ ଚଳିତ ବର୍ଷ କାଜୁ ନିଗମ ରାଜ୍ୟର ୮ଟି ଜିଲାରେ ୧କୋଟି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଅଧିକ ଅମଳକ୍ଷମ ହାଇବ୍ରିଡ କାଜୁ ଚାରାରୋପଣ ଲକ୍ଷ୍ୟ ରଖାଯାଇଛି। ଅବିଭକ୍ତ କୋରାପୁଟ ଜିଲାରେ ଚଳିତ ବର୍ଷ ପ୍ରାୟ ୧ ହଜାର ହେକ୍ଟର ଜମିରେ କାଜୁ ଚାରା ରୋପଣ ଲକ୍ଷ୍ୟ ରଖାଯାଇଛି। କୋରାପୁଟର ପୋଡାଗଡ ଓ ବୋରିଗୁମ୍ମାରେ ନର୍ସରୀ କରାଯାଇ ପ୍ରାୟ ୧୫ ଲକ୍ଷ କାଜୁ ଚାରା ଉତ୍ପାଦନ କରାଯାଇ ଏହାକୁ ସମ୍ପୃକ୍ତ ଅଞ୍ଚଳରେ ରୋପଣନେଇ ଲକ୍ଷ୍ୟ ରଖାଯାଇଥିବା ଅଧ୍ୟକ୍ଷ ଦାସ କହିଥିଲେ। ପରିଚାଳକ ସଞ୍ଜୀବ କୁମାର ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ରୂପେ ଭାରତ ସରକାରଙ୍କ କାଜୁ ଓ କୋକା ଉନ୍ନୟନ ନିଗମର ନିର୍ଦ୍ଦେଶକ ଭିଏନ ହାବେଲି ଯୋଗଦେଇ କାଜୁ ହେଉଛି ଏକ ଧଳା ସୁନା। ଏହି ଶିଳ୍ପକୁ ଆଗକୁ ନେବା ପାଇଁ ଚାଷୀମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ସେମିଳିଗୁଡା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ମାନସ ରଞ୍ଜନ ନାୟକ ଯୋଗଦେଇ କାଜୁ ଚାଷ ପାଇଁ ଆବଶ୍ୟକ ମାଟି ଓ ଗଛର ଯତ୍ନ କିପରି କରିବେ ସେ ନେଇ ଆଲୋକପାତ କରିଥିଲେ। ବୈଜ୍ଞାନିକ ଡ. ମିହିର ରଞ୍ଜନ ମହାନ୍ତି ଯୋଗଦେଇ କାଜୁ,ଧାନ ଚାଷ ଲାଗି କିପରି ଜମିକୁ ପ୍ରସ୍ତୁତ କରିବା ଦରକାର ସେ ଉପରେ ବକ୍ତବ୍ୟ ରଖିଥିଲେ। ମୃତ୍ତିକା ସଂରକ୍ଷଣ ପ୍ରକଳ୍ପର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି ଯୋଗଦେଇ କ୍ଷେତ ପୋଖରୀ ଯୋଜନା ଉପରେ ଆଲୋପାତ କର ଚାଷୀମାନେ ନିଜ ଅଞ୍ଚଳରେ ମାଗଣାରେ କ୍ଷେତ ପୋଖରୀ ନିର୍ମାଣ କରିବାକୁ ଆହ୍ୱାନ ଦେଇଥିଲେ । ସୁନାବେଡାସ୍ଥିତ ମୃତିକା ଓ ଜଳ ସଂରକ୍ଷଣ ବିଭାଗର ଅଧିକାରୀ ଧ୍ରୁବ ଚରଣ ସାହୁ, ରାଜ୍ୟ କାଜୁ ନିଗମର ଅର୍ଥ ପରିଚାଳକ ପ୍ରତାପ ସାହୁ, କୋରାପୁଟ କୃଷି ଶିଳ୍ପ ନିଗମର ଜିଲା ପରିଚାଳକ ଆଶିଷ ସିଂହ ପ୍ରମୁଖ ଯୋଗଦେଇ କାଜୁ ଚାଷର ଉନ୍ନତି ଦିଗରେ ଗୁରୁତ୍ୱାରୋପ କରିଥିଲେ । ଡିଭିଜନର ସହକାରୀ ଅଧିକାରୀ ଭାସ୍କର ମହାନ୍ତି ଅତିଥି ପରିଚୟ ଦେଇଥିଲେ । ସମାବେଶରେ ଜିଲାର ୪ଶହରୁ ଉର୍ଦ୍ଧ୍ୱ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। କନିଷ୍ଠ ଯନ୍ତ୍ରୀ ସୁବୋଧ କୁମାର ଦାସ ସହାୟତା କରିଥିଲେ।



କୃଷକ ମେଳାରେ ଉପସ୍ଥିତ ଅତିଥିମାନେ।

# ଅଢ଼େଇ ବର୍ଷ ହେଲା ପ୍ରାପ୍ୟ ପାଇଁ ଦୌଡ଼ୁଛନ୍ତି ଶ୍ରମିକ

## ବନ ବିଭାଗ କାମରେ ନିୟୋଜିତ ଥିଲେ

ନବରଙ୍ଗପୁର, ୨୭।୧୧(ବି.ପ୍ର.)


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶ୍ରମିକମାନେ ।

ନବରଙ୍ଗପୁର ଜିଲା ଡାବୁଗାଁ ରେଞ୍ଜ ବାରଦିଗୁଡ଼ା ସଂରକ୍ଷିତ ଜଙ୍ଗଲ ଅଧୀନରେ ଦୁଇଟି ଗୋ ପ୍ରତିବନ୍ଧ ନାଳ କାମରେ ନିୟୋଜିତ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିନାହିଁ। ଏ ନେଇ ବଡ଼ ପାଞ୍ଜିଆରିଗୁଡା ଗାଁର ୩୦ ଶ୍ରମିକ ଶନିବାର ଜିଲା ଶ୍ରମ ଅଧିକାରୀ ଓ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବାକୁ ନବରଙ୍ଗପୁର ଆସିଥିଲେ। ତେବେ ଛୁଟି ଥିବାରୁ ଅଧିକାରୀଙ୍କୁ ନ ପାଇ ଫେରିଛନ୍ତି। ସୋମବାର ପୁଣି ଆସି ଅଭିଯୋଗ କରିବେ ବୋଲି ଜଣାଇଛନ୍ତି। ଡାବୁଗାଁ ରେଞ୍ଜର ଓ କଟାବାଲ ବନପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋଟିଏ ପ୍ରକଳ୍ପରେ ୨ ହଜାର ମିଟର ଓ ଅନ୍ୟ ଏକ ପ୍ରକଳ୍ପରେ ୧ ହଜାର ମିଟର ଖନନ କରିଥିଲେ। ଏ ବବାଦକୁ ଶ୍ରମିକମାନେ ୩ ଲକ୍ଷ ୪୪ ହଜାର ଟଙ୍କା ପାଇଥିବାବେଳେ ବକେୟା ୩ ଲକ୍ଷ ୫୬ ହଜାର ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହା ମଧ୍ୟରେ ଅଢ଼େଇ ବର୍ଷ ବିତିଯାଇଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ଅଫିସକୁ ଗଲେ କେହି ଧରାଛୁଆଁ ଦେଉନାହାଁନ୍ତି। କରୋନା ମହାମାରୀ ସମୟରେ ଶ୍ରମିକମାନଙ୍କ ଜୀବନ ଓ ଜୀବିକା ପାଇଁ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମିକମାନେ କାମ କରିବା ପରେ ଏବେ ପ୍ରାପ୍ୟ ପାଇଁ ଦୌଡ଼ି ନୟାନ୍ତ ହୋଇଛନ୍ତି। ବନ ବିଭାଗର କେତେଜଣ ଅଧିକାରୀ ଅନ୍ୟ ପଞ୍ଚାୟତର ଜବ୍‌କାର୍ଡ ଧାରୀଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା କରି କୌଶଳ କ୍ରମେ ଉଠାଇ ନେଇସାରିଛନ୍ତି ବୋଲି ଶ୍ରମିକ ମାନେ ଅଭିଯୋଗ କରିଛନ୍ତି।

### ଯକୃତ ରୋଗ ଚିକିତ୍ସାରେ ଅର୍ଥ ସାଜିଛି ବାଧକ



ମାଲକାନଗିରି,୨୮।୧୧ (ଡି.ଏନ.ଏ.)

ମାଲକାନଗିରି ଜିଲା ଏମ୍‌ଭି-୭ ଗ୍ରାମର ବକୁଳ ଦେ ଗତ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେଲା ଯକୃତ ରୋଗରେ ପୀଡିତ ଅଛନ୍ତି। ତାଙ୍କର ଉନ୍ନତ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ବକୁଳ ନିଜ ପୈତୃକ ସମ୍ପତ୍ତି ବିକି ଚିକିତ୍ସିତ ହେବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ସମ୍ଭବ ହେଉନାହିଁ। ୨୦ ବର୍ଷ ତଳୁ ତାଙ୍କ ବଡଭାଇ ବାଦଲ ଦେ କେଉଁ ଆଡେ ନିଖୋଜ ହୋଇଯାଇଥିବାରୁ ତାଙ୍କୁ ଉତ୍ତରାଧିକାର ପ୍ରମାଣ ପତ୍ର ମିଳୁନି। ଫଳରେ ସେ ସମ୍ପତ୍ତି ବିକ୍ରି କରିପାରୁନାହାନ୍ତି। ନିଜ ଚିକିତ୍ସା ପାଇଁ ମଧ୍ୟ ବକୁଳ ଅର୍ଥ ଯୋଗାଡ କରିପାରୁନାହାନ୍ତି। ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରେ ଲାଗିଛି। ପ୍ରଶାସନ ପକ୍ଷରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

### ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ

ମାଲକାନଗିରି,୨୮।୧୧ (ଡି.ଏନ.ଏ.)

ମାଲକାନଗିରି ଜିଲା ବାପନପାଲି, ଉଣ୍ଡୁରକୋଣ୍ଡା, ଗିରିକାନପାଲି, ସିମିଳିବଞ୍ଚା, କଲଦାପାଲି, ପଡିଆ ଅଞ୍ଚଳରେ ଆଗାମୀ ତ୍ରିସ୍ତରୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ରବିବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ବିଜୁ ଯୁବ ଜନତା ସଭାପତି ଆଡମା ରାବା ଯୋଗଦେଇ ସଭାପତିତ୍ୱ କରିଥିଲେ। ପଡିଆ ବ୍ଲକ ଏମ୍‌ପି ପ୍ରତିନିଧି ସିଏଚ ରାବିଡ କୁମାର, ପଡିଆ ବ୍ଲକ ଜୋନାଲ କମିଟି ପ୍ରେସିଡେଣ୍ଟ ମେସାକ ରବି ମାଦ୍ରୀ, ବରିଷ୍ଠ ବିଜେଡି ନେତା ଦିଲୀପ ପୋଟଲା, ମନୋଜ ପଟ୍ଟନାୟକ, ମଙ୍ଗଳ ଢାଲି, ସନାତନ ବିଶ୍ୱାସ, ଦୀପକ ମିର୍ଦ୍ଧା ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାର ସୁଫଳ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ସହ ସମସ୍ତ କର୍ମୀଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

### ଗରିବଙ୍କୁ ଶୀତବସ୍ତ୍ର ବଣ୍ଟନ

ମାଲକାନଗିରି,୨୮।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଘରୋଇ ବସ୍ ସଂଘ ପକ୍ଷରୁ ମାଲକାନଗିରି ସହରରେ ଥିବା ଜଗନ୍ନାଥ ମନ୍ଦିର, ତଳସାହି ଶିବମନ୍ଦିର, ତାରିଣୀ ମନ୍ଦିର ନିକଟରେ ଥିବା ଅସହାୟ, ଗରିବ ବୃଦ୍ଧାବୃଦ୍ଧଙ୍କୁ ରବିବାର ଶୀତବସ୍ତ୍ର କମ୍ବଳ, ଶୁଖିଲା ଖାଦ୍ୟ ପାଉଁରୁଟି, ଫଳ ବଣ୍ଟନ କରାଯାଇଛି। ଏଥିରେ ସଂଘ ସଭାପତି ଭକ୍ତ ରାଉତ, ସନ୍ତୋଷ ପାଣିଗ୍ରାହୀ, ଛବି ଦାସ, ଅଶୋକ ରାଉତ, ସୁବାସ ମଲ୍ଲିକେଶ୍ୱର ଗୁରୁଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ବୈଠକ

ସୁନାବେଡା,୨୮।୧୧(ସ୍ୱ. ପ୍ର)

ଓଡ଼ିଶା ଡ୍ରାଇଭର ମହାସଂଘ ସେମିଳିଗୁଡା ଶାଖା ସଂଘର ଏକ ବୈଠକ ସେମିଳିଗୁଡାସ୍ଥିତ ଟ୍ରକ ଟର୍ମିନାଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେମିଳିଗୁଡା ଓ ସୁନାବେଡା ଆଖ ପାଖ ଅଞ୍ଚଳରୁ ପ୍ରାୟ ୪ ଶହରୁ ଉର୍ଦ୍ଧ୍ୱ ଡ୍ରାଇଭର ଯୋଗ ଦେଇଥିଲେ। ଦେଶକୁ ସେବା ଯୋଗାଇବାରେ ସମାଜରେ ଡ୍ରାଇଭରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସେମାନେ ସର୍ବଦା ଆକ୍ରୋଶର ଶିକାର ହେଉଛନ୍ତି। ସେମାନଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ କରିବା, ୫୫ ବର୍ଷ ପରେ ଡ୍ରାଇଭରଙ୍କୁ ସରକାରଙ୍କ ପକ୍ଷରୁ ପେନ୍‌ସନ ଲାଗୁକରିବା, ଦୁର୍ଘଟଣାରେ ପ୍ରାଣ ହରାଇଲେ ୨୦ ଲକ୍ଷ ଟଙ୍କାର ବୀମାରାଶି ଏବଂ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ଏବଂ ଚିକିତ୍ସା ନିମନ୍ତେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ଯୋଗାଇବା, ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଯୋଗାଇବା, ଡ୍ରାଇଭରଙ୍କ ପିଲାଙ୍କ ପାଇଁ ଉଚ୍ଚଶିକ୍ଷା ବ୍ୟବସ୍ଥା କରିବା ସହ ଅନ୍ୟାନ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଦିଲୀପ ଜେନା, ନିରଞ୍ଜନ ଜେନା, ଅଶୋକ ନାୟକ, ଯୁଗଳ ଗୁରୁ, ରଞ୍ଜନ ବିଶୋୟୀ, ଦେବବ୍ରତ ସ୍ୱାଇଁ, ବିଶ୍ୱନାଥ ବିଶୋୟୀ, ହୃଷୀକେଶ ବେହେରା, ଅଭିମନ୍ୟୁ ପଲେଇଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



# ମାସେ ନ ପୂରୁଣୁ ସିମେଣ୍ଟ କଂକ୍ରିଟ ରାସ୍ତା ମାଟିରେ ମିଶିଲା

## ବିଷମକଟକ-ତାଣ୍ଡିକଣା ରାଜ୍ୟ ରାଜପଥରେ ବଢ଼ୁଛି ଦୁର୍ଘଟଣା

ବିଷମକଟକ,୨୮।୧୧(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ବିଷମକଟକ ବ୍ଲକଠାରୁ ତାଣ୍ଡିଣା ଛକ ପର୍ଯ୍ୟନ୍ତ ସଂଯୋଗ କରୁଥିବା ୪୬ ନମ୍ବର ମୁଖ୍ୟ ରାଜ୍ୟ ରାଜପଥ ବିପଜ୍ଜନକ ଅବସ୍ଥାରେ ରହିଛି। ଏହି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟିହୋଇ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଭବାନୀପାଟଣାଠାରୁ ଗଞ୍ଜାମ, ଗଜପତି ଓ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାଜପଥରେ ପ୍ରତ୍ୟେକ ଦିନ ଶତାଧିକ ଯାନବାହନ ଯାତାୟାତ କରୁଥିବା ବେଳେ ଏହା ଏବେ ମରଣଯନ୍ତା ପାଲଟିଛି।

ସୂଚନାଯୋଗ୍ୟ, ଏହି ରାଜପଥରେ ଦୁର୍ଘଟଣା ଘଟି ବର୍ଷକ ମଧ୍ୟରେ ଅନେକଙ୍କ ଜୀବନ ଯାଇଛି। ସେହିପରି ବହୁଲୋକ ଆହତ ମଧ୍ୟ ହୋଇଛନ୍ତି। କିନ୍ତୁ ଜିଲା ପ୍ରଶାସନର ଏଥିପ୍ରତି ଗୁରୁତ୍ୱ ନ ଥିବା ଅଭିଯୋଗ ହେଉଛି। ବିଷମକଟକ ବ୍ଲକରୁ ୫ କି.ମି. ଦୂରରେ ରହିଥିବା ବାଙ୍କ ନାଳ ଦେଇ ଯାଉଥିବା ରାସ୍ତା ଅଣ ଓସାରିଆ ଥିବାରୁ ଏହି ସ୍ଥାନରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ପକ୍ଷରୁ ମାର୍ଚ୍ଚ ମାସରେ ନାଳର ଉଭୟ ପାର୍ଶ୍ୱରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନରେ ସିସି ରୋଡ୍ ନିର୍ମାଣ କରାଯାଇଥିଲା। ହେଲେ ଠିକାଦାର ମାନେ ନିମ୍ନମାନର କାମ ଯୋଗୁ ମାସେ ନ ପୂରୁଣୁ ସିମେଣ୍ଟ କଂକ୍ରିଟ ରାସ୍ତା ମାଟିରେ ମିଶିଗଲା। ପୂର୍ତ୍ତ ବିଭାଗ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା କାରଣରୁ ଏହି ନିମ୍ନମାନର କାମ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ହେଲାନାହିଁ। ବିଷମକଟକରୁ ତାଣ୍ଡିକଣା ପର୍ଯ୍ୟନ୍ତ ୩୩ କି.ମି. ରାଜ୍ୟ ରାଜପଥ ଲାଗି ରହିଥିବାବେଳେ ଅନେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଏବେ କୃତ୍ରିମ ପୋଖରୀ ପାଲଟିଛି। ଏହି ରାଜପଥରେ ଦୁଇ ଚକିଆ ଓ ଚାରି ଚକିଆ ଯାନବାହାନ ଯାତାୟତ କରିବାରେ ବହୁ ସମସ୍ୟା ହେଉଛି। ଏମିତିକି ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ ମଧ୍ୟ ଅସୁବିଧାରେ ପଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିଲେ ମଧ୍ୟ ଏହି ରାଜ୍ୟ ରାଜପଥ ଉପରେ ଉପରେ କାହାର ଦୃଷ୍ଟି ପଡୁ ନ ଥିବା ସେମାନେ କହିଛନ୍ତି। ଏ ବିଷୟରେ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ମାନସ ବେହେରାଙ୍କୁ ପଚାରିବାରୁ ଶୀଘ୍ର ଏହି ରାସ୍ତାର ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।


ଖରାପ ହୋଇ ପଡିଥିବା ରାସ୍ତା ।

# ଅଣ୍ଡାମାଡ଼, କଳା ପତାକା ପ୍ରଦର୍ଶନ ଯୋଜନା ବିଫଳ

- ନନ୍ଦାହାଣ୍ଡିରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିଲେ ମନ୍ତ୍ରୀ
- ୪ କଂଗ୍ରେସ କର୍ମୀଙ୍କୁ ଅଟକ

ନନ୍ଦାହାଣ୍ଡି,୨୮।୧୧,(ଡି.ଏନ୍.ଏ.) –

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ରବିବାର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ବିଏସ୍‌କେୱାଇ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀଙ୍କୁ ଅଣ୍ଡାମାଡ଼ ଏବଂ କଳା ପତାକା ପ୍ରଦର୍ଶନ ପାଇଁ ଯୋଜନା କରାଯାଉଥିବା ସୂଚନା ପାଇ ତେନ୍ତୁଳିଖୁଣ୍ଟି ପୋଲିସ ୪ କଂଗ୍ରେସ କର୍ମୀଙ୍କୁ ଉଠାଇ ନେଇଥିଲା। ଶାନ୍ତନୁ ଦାଶ, ସଞ୍ଜୀବ ମିଶ୍ର, ଗଗନ ମହାନନ୍ଦିଆ ଏବଂ ବସନ୍ତ ବିଷୋୟୀଙ୍କୁ ଡଙ୍ଗରଭେଜା ଫାଣ୍ଡିରେ ଅଟକ ରଖାଯାଇଥିଲା। ମନ୍ତ୍ରୀଙ୍କ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ସରିବା ପରେ ପୋଲିସ ସେମାନଙ୍କୁ ଛାଡ଼ିଦେଇଥିବା ଫାଣ୍ଡି ଅଧିକାରୀ ମୀନକେତନ ଗନ୍ତାୟତ ସୂଚନା ଦେଇଛନ୍ତି।

# ଭିଏସ୍ ବିଦ୍ୟାଳୟରେ ୭୩ ତମ ଏନ୍‌ସିସି ଦିବସ


ଜଣେ କ୍ୟାଡେଟଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

ସୁନାବେଡା,୨୮।୧୧(ସ୍ୱ.ପ୍ର.)

ସୁନାବେଡା ହାଲ ମିଗନଗରୀସ୍ଥିତ ଭିଏସ ବିଦ୍ୟାଳୟରେ ୭୩ତମ ଏନସିସି ଦିବସ ପାଳିତ ହୋଇଯାଇଛି। ଏହି ଅବରସରରେ ଏଏଫଏଲଇର ସିଇଓ ଜେଜେ ମାହିସ୍କର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କନଭେନର ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ସେଠ ଓ ଆଡ଼ଭାଇଜର ଭାବେ ସନ୍ଦୀପ ପଟ୍ଟନାୟକ,ଡ଼. ଜି ବିନୋଦ କୁମାର ,ସିଓ ଆରତିରାଣୀ ସାହୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୮ମ ଓ ୯ମ ଶ୍ରେଣୀର ୧୬୦ ଜଣ ଏନସିସିର କ୍ୟାଡ୍ରେଟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କୋରାପୁଟରେ ୬୯୯୦ ହିତାଧିକାରୀ ପାଇବେ ସ୍ମାର୍ଟ ହେଲ୍‌ଥ କାର୍ଡ

କୋରାପୁଟ ,୨୮।୧୧(ସ୍ୱ.ପ୍ର.)

କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏଥିରେ ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଲାଗି ରାଜ୍ୟସରକାରଙ୍କ ପକ୍ଷରୁ ଏପରି କାର୍ଡପ୍ରଦାନ କରାଯାଉଥିବା ପ୍ରକାଶ କରିଥିଲେ ।ଏହିଅବସରରେ ମୁଖ୍ୟ ଅତିଥି ମ୍ୟୁନିସିପାଲଟି ଅଞ୍ଚଳର ୧୦ ରୁ ଉର୍ଦ୍ଧ୍ୱହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ପ୍ରଦାନ କରିଥିଲେ । ମ୍ୟୁନିସିପାଲିଟି ଅଞ୍ଚଳରେ ୪ଟି କେନ୍ଦ୍ର ଜରିଆରେ ୬୯୯୦ ହିତାଧିକାରୀଙ୍କୁ ସ୍ମାର୍ଟ ହେଲଥ କାର୍ଡ ପ୍ରଦାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ସୁରେଶ ପଟ୍ଟନାୟକ, ପୂର୍ବତନ କାଉନସିଲର ସୁଧାଂଶୁ ଶେଖର ଦାସ, ଲିଲି ଗୁରୁଡି, ଅମ୍ବିକା ଷଣ୍ଢ, ମନୋଜ ପଣ୍ଡା, ରାଜୁ ଖରା, ରଜନୀକାନ୍ତ ଖୋସ୍ଲା, ଶ୍ୟାମ ସୁନ୍ଦର ସୁନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ମୁଖ୍ୟ ଅତିଥିଙ୍କ ଗହଣରେ ସ୍ମାର୍ଟ ହେଲ୍‌ଥ କାର୍ଡ ପାଇଥିବା ହିତାଧିକାରୀ।

# ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ ୧୬୦

ଜୟପୁର,୨୮।୧୧ (ନି.ପ୍ର.)–

ତରୁଣ ପ୍ରଜ୍ଞା ଭାରତୀର ୩୩ତମ ବାର୍ଷିକ ଉତ୍ସବ ସନ୍ଧ୍ୟା ଫଙ୍କ୍‌ସନ ହଲ ସଭା କକ୍ଷରେ ରବିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଗଙ୍ଗାଧର ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି, ମୁଖ୍ୟ ବକ୍ତା ଭାବେ ଲୋକ ସେବକ ମଣ୍ଡଳର ଡ. ନିରଞ୍ଜନ ରଥ ଏବଂ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର କ୍ୟାପ୍‌ଟେନ ସୂର୍ଯ୍ୟେନ୍ଦୁ ବିକାଶ ପାଣିଗ୍ରାହୀ, ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ନାୟକ, ଜୟପୁର ନାଗରିକ କମିଟି ସଭାପତି ମୀନକେତନ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁ ନୃତ୍ୟଶିଳ୍ପୀ ଲୋରୀ ଲୋପାମୁଦ୍ରା ଜେନା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶିଶୁ କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା ବିବରଣୀ ପାଠ କରିଥିଲେ। ମନୋରଞ୍ଜନ ପଣ୍ଡା ଅତିଥିଙ୍କୁ ଆମନ୍ତ୍ରଣ କରିଥିଲେ। ଅନିତା ମିଶ୍ର ଓ ସୁବର୍ଣ୍ଣ କୁମାରୀ ଖିଲ ଅତିଥି ପରିଚୟ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ବିଧାୟକ ତାରାପ୍ରସାଦ ବାହିନୀପତି, ସର୍ବେଶ୍ୱର ତ୍ରିପାଠୀ, ସୁରେଶ ବେହେରା, ବିଚିତ୍ରା ନନ୍ଦ ପଣ୍ଡା, ଦାମୋଦର ଗୌଡ଼, ସନ୍ତୋଷ ସାହୁ ଓ କବିତା ସାହୁ, ବାଲାଜୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୩୦ଟି ପ୍ରତିଯୋଗିତାର ୧୬୦ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ମୀନକେତନ ଦାଶ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଭ୍ୟ ପ୍ରମୋଦ ରାଉଳ, ଚାନ୍ଦିନୀ ନିଶା ବେଗମ, ଦୀପ୍ତି ମାଝି, ମନୋରଞ୍ଜନ ପଣ୍ଡା ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ନୃସିଂହ ପ୍ରସାଦ ଷଡଙ୍ଗୀ, ରବୀନ୍ଦ୍ର ମହାରଣା, ଅନନ୍ତ ବିଜୟ ଧୀବର, ରଞ୍ଜିତ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।


ଉତ୍ସବରେ ମଞ୍ଚାସୀନ ଅତିଥି ।

